रेजिस्ट्री सं० डी-221

REGISTERED No. D-221
ରେଜିଷ୍ଟ ସଂ. ଡି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ଵାରା ପ୍ରକାଶିତ

No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I
ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1

राजभाषा खण्ड
विधायी विभाग
विधायी II अनुभाग
डा० सं० 977/91
तारीख 15/7/91

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ବାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଲ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍‌ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗ୍ଭଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍‌ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଆନନ୍ଦ ବିବାହ ଅଧିନିୟମ, 1909

## 1909 ର ଅଧିନିୟମ ସଂ 7

### ଶିଖମାନଙ୍କ ମଧ୍ୟରେ ସାଧାରଣ ଭାବେ ପ୍ରଚଳିତ ଆନନ୍ଦ ନାମକ ବିବାହ ଉତ୍ସବର ବିଧିମାନ୍ୟତା ବିଷୟରେ ଥିବା ସନ୍ଦେହ ଦୂରୀକରଣ ପାଇଁ ଏକ ଅଧିନିୟମ

[22 ଅକ୍ଟୋବର, 1909]

ଯେହେତୁ ଶିଖମାନଙ୍କ ମଧ୍ୟରେ ସାଧାରଣଭାବେ ପ୍ରଚଳିତ ଆନନ୍ଦ ନାମକ ବିବାହ ଉତ୍ସବର ବିଧିମାନ୍ୟତା ବିଷୟରେ ଥିବା ସନ୍ଦେହକୁ ଦୂର କରାଯିବା ସମୀଚୀନ ଅଟେ;

ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ ଓ ବିସ୍ତାର ।

1. (1) ଏହି ଅଧିନିୟମ ଆନନ୍ଦ ବିବାହ ଅଧିନିୟମ, 1909 ନାମରେ ଅଭିହିତ ହେବ; ଓ

(2) ଜମ୍ମୁ ଓ କାଶ୍ମୀର ରାଜ୍ୟ ଛଡ଼ା ସାରା ଭାରତରେ ଏହା ବିସ୍ତୃତ ଅଟେ ।

ଆନନ୍ଦ ବିବାହର ବିଧିମାନ୍ୟତା ।

2. ଆନନ୍ଦ ନାମକ ଶିଖ ବିବାହ ଉତ୍ସବ ଅନୁଯାୟୀ ଯେଉଁସବୁ ବିବାହ ଯଥାବିଧି ଅନୁଷ୍ଠିତ ହୋଇପାରେ ବା ହୋଇ ସାରିଥାଏ ସେସବୁର ପ୍ରତ୍ୟେକ ବିବାହ ନିମାନ୍ୱୟିକର ଯେଉଁ ତାରିଖରେ ଯଥାବିଧି ଅନୁଷ୍ଠିତ ହୋଇଥାଏ ସେହି ତାରିଖରୁ ବିଧି ଅନୁଯାୟୀ ନିର୍ଦ୍ଦୋଷ ଓ ବିଧିମାନ୍ୟ ବୋଲି ବିବେଚିତ ହେବ ।

**ଏହି ଅଧିନିୟମ କେତେକ ବିବାହ ପ୍ରତି ପ୍ରଯୋଜ୍ୟ ହେବ ନାହିଁ ।**

3. ଏହି ଅଧିନିୟମରେ ଥିବା କୌଣସି ବିଷୟ :—

(କ) ଶିଖ ଧର୍ମାବଲମ୍ବୀ ହୋଇ ନଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅନୁଷ୍ଠିତ କୌଣସି ବିବାହ, ବା

(ଖ) ନ୍ୟାୟିକ ଭାବରେ ନିଃସାର ଓ ବ୍ୟର୍ଥ ବୋଲି ଘୋଷିତ ହୋଇଥିବା କୌଣସି ବିବାହ ପ୍ରତି ପ୍ରଯୋଜ୍ୟ ହେବ ନାହିଁ ।

**ଅନ୍ୟ ରୀତିନୀତି ମତେ ଯଥାବିଧି ଅନୁଷ୍ଠିତ ହୋଇଥିବା ବିବାହର ରକ୍ଷଣ ।**

4. ଶିଖମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ଅନ୍ୟ କୌଣସି ବିବାହ ଉତ୍ସବର ରୀତିନୀତି ଅନୁସାରେ ଯଥାବିଧି ଅନୁଷ୍ଠିତ ହୋଇଥିବା କୌଣସି ବିବାହର ବିଧିମାନ୍ୟତାକୁ ଏହି ଅଧିନିୟମ ପ୍ରଭାବିତ କରିବ ନାହିଁ ।

**ପ୍ରତିଷିଦ୍ଧ ମାତ୍ରା ଭିତରେ ହୋଇଥିବା ବିବାହର ଅବିଧି-ମାନ୍ୟତା ।**

5. ଯେଉଁ ବ୍ୟକ୍ତିମାନେ ରକ୍ତ-ସମ୍ପର୍କ ବା ନିକଟ-ସମ୍ପର୍କର ମାତ୍ରା ଭିତରେ ପରସ୍ପରର ସମ୍ପର୍କିତ ହୋଇଥିବା ହେତୁ ସେମାନଙ୍କର ବିବାହ ଶିଖମାନଙ୍କ ମଧ୍ୟରେ ପ୍ରଚଳିତ ବିଧି ଅନୁଯାୟୀ ଅବୈଧ ହୁଅନ୍ତା ସେପରି କୌଣସି ବିବାହକୁ ଏହି ଅଧିନିୟମରେ ଥିବା କୌଣସି ବିଷୟ ବିଧିମାନ୍ୟ କରୁଅଛି ବୋଲି ବିବେଚିତ ହେବ ନାହିଁ ।

---